ଓଡିଶା ସରକାର

ଉଚ୍ଚଶିକ୍ଷା ବିଭାଗ

* * * * *

ସଂଖ୍ୟା ୧୯୫୦୦ /ଉ.ଶି., ତାରିଖ : ୧୦ /୦୭/୨୦୧୮

HE-PTC-SAMS-0002-2018

ପ୍ରେରକ,

ପରମେଶ୍ୱରନ୍ ବି., ଭା. ପ୍ର. ସେ.

ଯୁଗ୍ମ ଶାସନ ସଚିବ

ଉଚ୍ଚ ଶିକ୍ଷା ବିଭାଗ

ପ୍ରାପ୍ତେଷୁ,

ଅଧକ୍ଷ୍ୟା ଓ ଅଧକ୍ଷ୍ୟ

ସମସ୍ତ ଡିଗ୍ରୀ/ ସ୍ୱୟଂଶାସିତ ମହାବିଦ୍ୟାଳୟ

**ବିଷୟ:** ୨୦୧୮-୧୯ ଶିକ୍ଷାବର୍ଷରେ ଡିଗ୍ରୀ ମହାବିଦ୍ୟାଳୟମାନଙ୍କରେ SAMS ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟ ଓ ପରବର୍ତ୍ତୀ ପର୍ଯ୍ୟାୟରେ ବଳକା ସିଟରେ ନାମଲେଖା ପ୍ରକ୍ରିୟା ର ନିୟମାବଳୀ

## ୨୦୧୮-୧୯ ଶିକ୍ଷାବର୍ଷରେ ଡିଗ୍ରୀ ମହାବିଦ୍ୟାଳୟମାନଙ୍କରେ SAMS ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟ ଓ ପରବର୍ତ୍ତୀ ପର୍ଯ୍ୟାୟରେ ବଳକା ସିଟରେ ନାମଲେଖା ପ୍ରକ୍ରିୟା ର ନିୟମାବଳୀ।

୧। SAMS ରେ ଅନ୍ତର୍ଭୁକ୍ତ ଯୁକ୍ତ ୩ ମହାବିଦ୍ୟାଳୟମାନଙ୍କରେ ପ୍ରଥମ ପର୍ଯ୍ୟାୟର ନାମଲେଖା ଜୁଲାଇ ୪ ରୁ ୭, ୨୦୧୮ ତାରିଖ ଭିତରେ ସଂପୂର୍ଣ୍ଣ କରାଯାଇଛି।

୨। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଜୁଲାଇ ୧୧ ତାରିଖରେ ମେଧା ତାଲିକା (Merit List) ପ୍ରକାଶ କରାଯିବ ଏବଂ ଜୁଲାଇ ୧୨ ଓ ୧୩ ତାରିଖରେ ନାମଲେଖା ପ୍ରକ୍ରିୟା ଶେଷ କରାଯିବ। ଏହି ପର୍ଯ୍ୟାୟରେ slide up case ଗୁଡିକ ମଧ୍ୟ Admission କରାଯିବ। slide up ରେ ମନୋନୀତ ଛାତ୍ରଛାତ୍ରୀମାନେ ତାଙ୍କର ଉପର ପସନ୍ଦର ମହାବିଦ୍ୟାଳୟମାନଙ୍କୁ ଯିବାକୁ ବାଧ୍ୟ । ଏଥର auto slide up ଏବଂ auto- admission ର ବ୍ୟବସ୍ଥା କରାଯାଇଛି।

୩. (i) ୨୦୧୮-୧୯ ଶିକ୍ଷାବର୍ଷର ବଳକା seat ଗୁଡିକରେ ନାମଲେଖା ପାଇଁ ଜୁଲାଇ ୧୬ ତାରିଖରୁ Offline CAF (Common Application Forms) ମାଧ୍ୟମରେ ମହାବିଦ୍ୟାଳୟମାନଙ୍କରେ Reservation Category ଅନୁଯାୟୀ ଆବେଦନ କରିବାକୁ ପଡିବ। ଅଫଲାଇନ୍ ରେ ନାମଲେଖାର କଟ୍-ଅଫ୍ (cutoff) ମାର୍କ ବର୍ଗ ଅନୁଯାୟୀ (Gen/SC/ST/PWD/COM/ESM) ଦ୍ୱିତୀୟ ଚୟନ ମାର୍କଠାରୁ ୩ ମାର୍କ କମ କରାଯିବ। ଯଦି SC/ST ଛାତ୍ରଛାତ୍ରୀ

ଉପଲବ୍ଧ ନହେଲେ ତେବେ ସେହି ବଳକା ସିଟ୍ ଗୁଡିକ General ସିଟ୍ ର କଟ୍-ଅଫ୍ ମାର୍କ ଅନୁଯାୟୀ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯିବ। (ଯଥା: ଦ୍ୱିତୀୟ ଚୟନ କଟଅଫ ମାର୍କ-୩ମାର୍କ୍)।

(ii) ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ଅନୁରୋଧ, ସେମାନେ www.samsodisha. gov.in ରେ ନିଜର ମନପସନ୍ଦର ମହାବିଦ୍ୟାଳୟ ଏବଂ Honours ବିଷୟରେ vacant seat ଓ cut-off ମାର୍କ କୁ ଅନୁଧ୍ୟାନ କରନ୍ତୁ। ଯଦି ସେମାନଙ୍କର ମାର୍କ, cut-off ମାର୍କ ରୁ ୩ ମାର୍କ ଭିତରେ ଥିବ, ତେବେ ସେମାନେ ସେହି Honours ବିଷୟ ପାଇଁ ଆବେଦନ କରିପାରିବେ। ଉଦାହରଣ ସ୍ୱରୂପ:

କଲେଜ ନାମ : XXXXX

Honours subject: YY

Cutoff ମାର୍କ୍ (ଉଭୟ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ର ସର୍ବନିମ୍ନ ମାର୍କ) : ୬୫% =୩୯୦ (% କୁ ০৬ ରେ multiply କରନ୍ତୁ)

କେବଳ ସେହି ଆବେଦନକାରୀ ଯେଉଁମାନେ ୩୯୦-୩=୩୮୭ ମାର୍କ ରଖିଥିବେ ସେମାନେ ସେହି କଲେଜରେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ।

(iii)ଜୁଲାଇ ୧୬ ରୁ ୧୮ ମଧ୍ୟରେ offline mode ରେ ମହାବିଦ୍ୟାଳୟ ମାନଙ୍କରେ ଥିବା ବଳକା ସିଟ ଗୁଡିକ ପାଇଁ ଉପରୋକ୍ତ ନିୟମ ଅନୁସାରେ offline CAF ରେ ଆବେଦନ କରିପାରିବେ।

(iv) ମହାବିଦ୍ୟାଳୟ ଗୁଡିକ ଜୁଲାଇ ୧୯ ରେ ଚୟନ ତାଲିକା (selection List) ପ୍ରକାଶ କରିବେ, ଏବଂ ଜୁଲାଇ ୨୧ ରେ ନାମଲେଖା (admission) ପ୍ରକ୍ରିୟା ଶେଷକରିବେ।

(v) ଏହି ସମୟସୀମା ମଧ୍ୟରେ ଯେଉଁମାନେ କୌଣସି କାରଣ ବଶତଃ ଆବେଦନ(apply) କରି ପାରିନାହାନ୍ତି କିମ୍ବା ଅନ୍ୟ କୌଣସିଠାରେ admission ପାଇପାରିନାହାନ୍ତି କିମ୍ବା କୌଣସି Honours କୁ ପରିବର୍ତ୍ତନ (change ) କରିବାକୁ ଚାହୁଁଛନ୍ତି, ସେମାନେ offline CAF ରେ ଆଉଥରେ ଆବେଦନ କରିପାରିବେ।

(vi)ଯେଉଁମାନେ online ରେ ଆବେଦନ କରିଥିଲେ, କିନ୍ତୁ କୌଣସି ସ୍ଥାନରେ admission ପାଇନାହାନ୍ତି, ସେମାନଙ୍କୁ କୌଣସି CAF ଫୀ ଦେବାକୁ ପଡିବନାହିଁ । CAF ସହିତ payment slip କୁ ସଂଯୋଗ କରି ଦିଅନ୍ତୁ।

(v) ଯେଉଁମାନେ ପ୍ରଥମ ଥର ପାଇଁ ପକାଉଛନ୍ତି, ସେମାନେ ନିର୍ଦ୍ଧାରିତ CAF ଫୀ ପ୍ରଦାନ କରିବେ।

(vi)ଯେଉଁମାନେ କଲେଜ ପରିବର୍ତ୍ତନ କିମ୍ବା Honours ପରିବର୍ତ୍ତନ ପାଇଁ ପକାଉଥିବେ, ସେମାନେ ମଧ୍ୟ ନିର୍ଦ୍ଧାରିତ CAF ଫୀ ଦେବେ।

(vii)ମହାବିଦ୍ୟାଳୟମାନଙ୍କୁ ଅନୁରୋଧ,ସେମାନେ କଲେଜ ନୋଟିସ ବୋର୍ଡରେ Stream wise, Honours wise ଏବଂ ପ୍ରତି Honours ର General, SC ଓ ST ବର୍ଗ ଅନୁଯାୟୀ vacancy position ଏବଂ ପ୍ରତିବର୍ଗର cut off mark ପ୍ରଦର୍ଶିତ କରିବେ।

10/7/18
ଯୁଗ୍ମ ଶାସନ ସଚିବ
ଉଚ୍ଚ ଶିକ୍ଷା ବିଭାଗ

**ଜ୍ଞାପକ ସଂଖ୍ୟା** ୧୯୮୦୧ / ଉ.ଶି., ତାରିଖ : ୧୦ /୦୭/୨୦୧୮

ଏହାର ନକଲ କମିଶନର-ତଥା-ଶାସନ ସଚିବଙ୍କ, ଉ.ଶି. ବ୍ୟକ୍ତିଗତ ସଚିବଙ୍କୁ କମିଶନର-ତଥା-ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଯୁଗ୍ମ ଶାସନ ସଚିବ